ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

17th Feb 2020

# ଆଇଆଇଟିରେ ଖାଦ୍ୟ ମେଳା

ଜଟଣୀ,୧୬।୨(ନି.ପ୍ର): ଆଇଆଇଟି ପରିସରରେ ରବିବାର ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଖାଦ୍ୟ ମେଳାରେ ୧୫ଟି ଷ୍ଟଲ୍ ଖୋଲା ଯାଇଥିଲା । କେରଳ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ରାଜସ୍ଥାନର ଖାଦ୍ୟ ମେଳାରେ ସ୍ଥାନ ପାଇଥିଲା । ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ଖାଦ୍ୟ ମେଳାକୁ ଉଦଘାଟନ କରିଥିଲେ । ଇଞ୍ଜିନିୟରିଂ, ବୈଷୟିକ ଶିକ୍ଷା ଏବଂ ନିର୍ମାଣ ଓ ପୁନର୍ଗଠନ ଶିକ୍ଷା ଲାଭ କରୁଥିବା ଆଇଆଇଟି ଛାତ୍ରଛାତ୍ରୀ ସୁସ୍ୱାଦ ବ୍ୟଞ୍ଜନ ରାନ୍ଧି ପାରିଥିବା ଯୋଗୁ ଆଇଆଇଟି ଛାତ୍ର ଛାତ୍ରୀଙ୍କୁ ନିର୍ଦ୍ଦେଶକ ପ୍ରଶଂସା କରିଥିଲେ ।



ଛାତ୍ରାବାସର ସାଧାରଣ ସମ୍ପାଦକ ରାହୁଲ ନାଇଡୁ ଏବଂ ସହକାରୀ ସାଧାରଣ ସମ୍ପାଦକ ଜି.ଏସ୍ ହର୍ଷବର୍ଦ୍ଧନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।